ଗୁରୁଦୟାଲ ସିଂ ଏବଂ ଅନ୍ୟଜଣେ

ବନାମ

ପଞ୍ଜାବ ରାଜ୍ୟ

ମାର୍ଚ୍ଚ 1, 1995

[କେ. ରାମସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟାଧୀଶଦ୍ୱୟ]

ଜମି ଅଧିଗ୍ରହଣ ଅଧିନିୟମ, 1894 - 1984 ଧାରା 9 ଏବଂ 25 (2)ର ସଂଶୋଧନ ପୂର୍ବରୁ - କ୍ଷତିପୂରଣ ନିର୍ଦ୍ଧାରଣ – ଆବେଦନକାରୀଙ୍କୁ ଦାବି କରିବାରୁ ବାଦ ଦିଆଯାଇଛି - ଜିଲ୍ଲାପାଳଙ୍କ ଦ୍ୱାରା ଅଧିନିର୍ଣ୍ଣୟ କରାଯାଇଥିବା ପରିମାଣଠାରୁ ଅଧିକ କ୍ଷତିପୂରଣ ପ୍ରଦାନ କରିବା ପାଇଁ ନ୍ୟାୟାଳୟଙ୍କ ପାଖରେ କୌଣସି କ୍ଷେତ୍ରାଧିକାର ନାହିଁ।

**ଜମି ଅଧିଗ୍ରହଣ ଅଧିନିୟମ 1894 ର ଧାରା 4 ଅନୁଯାୟୀ ଏକ ଅଧିସୂଚନା ଜମି ଅଧିଗ୍ରହଣ ପାଇଁ ପ୍ରକାଶିତ ହୋଇଥିଲା । ଜମି ଅଧିଗ୍ରହଣ ଅଧିକାରୀ, କ୍ଷତିପୂରଣ ଭାବରେ ପ୍ରତି ଏକର 13,816 ଟଙ୍କା ଅଧିନିର୍ଣ୍ଣୟ କରିଥିଲେ । ବିଚାରର୍ଥେ ପ୍ରେରଣରେ, ନ୍ୟାୟାଳୟ କ୍ଷତିପୂରଣକୁ ଏକର ପିଛା 2,50,000 ଟଙ୍କାକୁ ବୃଦ୍ଧି କରିଥିଲେ । ଆବେଦନ ଉପରେ, ଉଚ୍ଚ ନ୍ୟାୟାଳୟ କ୍ଷତିପୂରଣକୁ ଏକର ପିଛା 30,000 ଟଙ୍କାକୁ ହ୍ରାସ କରିଥିଲେ । ତେଣୁ ଏହି ଆବେଦନ ।**

**ଆବେଦନକାରୀମାନେ ଯୁକ୍ତି ଦର୍ଶାଇଥିଲେ ଯେ ବିକ୍ରୟ ଦଲିଲ ଏବଂ ଦାଖଲ ଖାରଜ କାର୍ଯ୍ୟାନୁଷ୍ଠାନ 1,08,000 ଟଙ୍କା । ଏହା ଉପସ୍ଥାପନା କରାଯାଇଥିଲା ଯେ ଉଚ୍ଚ ନ୍ୟାୟାଳୟ ଏକର ପ୍ରତି 30,000 ଟଙ୍କା କ୍ଷତିପୂରଣ ନିର୍ଣ୍ଣୟ କରିବା ପାଇଁ ଏକକ ଦାଖଲ ଖାରଜ କାର୍ଯ୍ୟାନୁଷ୍ଠାନ ଉପରେ ନିର୍ଭର କରିବା ଯଥାର୍ଥ ନୁହେଁ।**

**ଆବେଦନଗୁଡ଼ିକୁ ଖାରଜ କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଲେ ଯେ :ଅସଂଶୋଧିତ ଅଧିନିୟମ ଅନୁଯାୟୀ, ଜମି ଅଧିଗ୍ରହଣ ଅଧିନିୟମର ଧାରା 9ର କାର୍ଯ୍ୟକାରିତା ଦ୍ୱାରା, ଦାବିଦାର କିମ୍ବା ମାଲିକଙ୍କୁ ଦାବିର ବିବରଣୀ ପ୍ରଦାନ କରି ଦାବି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଅଧିନିୟମର ଧାରା 25, ଯାହା ମୂଳତଃ ଥିଲା, ବ୍ୟବସ୍ଥା କରାଯାଇଥିଲା ଯେ ଏକ ମାମଲାରେ ଦାବି କରାଯାଇଥିଲା, ଯେଉଁଠାରେ ନ୍ୟାୟାଳୟ ଦ୍ୱାରା**

**ଅଧିନିର୍ଣ୍ଣୟ କରାଯାଇଥିବା ପରିମାଣ ଦାବି କରାଯାଇଥିବା ପରିମାଣଠାରୁ ଅଧିକ କିମ୍ବା ଧାରା 11 ଅନୁଯାୟୀ ଜିଲ୍ଲାପାଳଙ୍କ ଦ୍ୱାରା ଅଧିନିର୍ଣ୍ଣୟ କରାଯାଇଥିବା ପରିମାଣଠାରୁ କମ୍ ହେବ ନାହିଁ। କିନ୍ତୁ ଯେଉଁ ମାମଲାରେ ଆବେଦନକାରୀ ଦାବି କରିବାକୁ ବାଦ୍ ଦେଇଥିଲେ, ସେତେବେଳେ ନ୍ୟାୟାଳୟର ଜିଲ୍ଲାପାଳଙ୍କ ଦ୍ୱାରା ଅଧିନିର୍ଣ୍ଣୟ କରାଯାଇଥିବା ପରିମାଣଠାରୁ ଅଧିକ କ୍ଷତିପୂରଣ ପ୍ରଦାନ କରିବାର କୌଣସି କ୍ଷେତ୍ରାଧିକାର ନଥିଲା । ଏହି ମାମଲାରେ, ଆବେଦନକାରୀଙ୍କ ଦ୍ୱାରା ସ୍ୱୀକାରଯୋଗ୍ୟ ଭାବରେ ଦାବି କରାଯାଇ ନଥିଲା ।**

ଦେୱାନୀ ଆବେଦନ ଅଧିକାରିତା :ଦେୱାନୀ ଆବେଦନ ସଂଖ୍ୟା 4220-24/1982 ।

ଆର.ଏଫ.ଏ. ସଂଖ୍ୟା 1065-66, 1068-69 ଏବଂ 1077/1981ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 15.9.82 ତାରିଖର ରାୟ ଏବଂ ଆଦେଶରୁ ଆବେଦନ ।

ଆବେଦନକାରୀଙ୍କ ପାଇଁ ପ୍ରେମ ମାଲହୋତ୍ରା ।

ଉତ୍ତରଦାତାଙ୍କ ତରଫରୁ ସଞ୍ଜୟ ବଂଶଲ ଏବଂ ଜି. କେ. ବଂଶଲ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଜମି ଅଧିଗ୍ରହଣ ଅଧିନିୟମର ଧାରା 4 ଅନୁଯାୟୀ 15 ଫେବୃଆରୀ 1979 ମସିହାରେ ପଞ୍ଜାବ ରାଜ୍ୟର ଭଟିଣ୍ଡା ଜିଲ୍ଲାର ସାର୍ଦ୍ଦୁଳଗଡ଼ ଗ୍ରାମରେ ଏକ କ୍ଷୀର ଶୀତଳୀକରଣ-ତଥା -ପ୍ରଦର୍ଶନ କେନ୍ଦ୍ର ପ୍ରତିଷ୍ଠା ପାଇଁ 4.5 ଏକର ଜମି ଅଧିଗ୍ରହଣ ପାଇଁ ଏକ ଅଧିସୂଚନା ପ୍ରକାଶିତ ହୋଇଥିଲା । ଜମି ଅଧିଗ୍ରହଣ ଅଧିକାରୀ 23 ମାର୍ଚ୍ଚ 1979 ମସିହାରେ ତାଙ୍କ ଅଧିନିର୍ଣ୍ଣୟରେ ପ୍ରତି ଏକର ପାଇଁ 13,816 ଟଙ୍କା କ୍ଷତିପୂରଣ ପ୍ରଦାନ କରିଥିଲେ । ବିଚାରର୍ଥେ ପ୍ରେରଣରେ, ଭଟିଣ୍ଡାର ଅତିରିକ୍ତ ଜିଲ୍ଲା ବିଚାରପତି 30 ଏପ୍ରିଲ 1981 ମସିହାର ଡିକ୍ରି ଦ୍ୱାରା କ୍ଷତିପୂରଣକୁ ଏକର ପ୍ରତି 2,50,000 ଟଙ୍କାକୁ ବୃଦ୍ଧି କରିଥିଲେ । ରାଜ୍ୟ ଦ୍ୱାରା ଧାରା 54 ଅନୁଯାୟୀ ଆବେଦନ ଉପରେ, R.F.A. ସଂଖ୍ୟା 1065/1981 ଏବଂ 15 ସେପ୍ଟେମ୍ବର 1982 ମସିହାରେ ତାଙ୍କ ଆଦେଶ ଦ୍ୱାରା ଉଚ୍ଚ ନ୍ୟାୟାଳୟ କ୍ଷତିପୂରଣକୁ ପ୍ରତି ଏକର ପିଛା 30,000 ଟଙ୍କାକୁ ହ୍ରାସ କରିଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ରାୟରେ ବ୍ୟଥିତ ହୋଇ, ଆବେଦନକାରୀମାନେ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନଗୁଡ଼ିକ ଦାଖଲ କରିଥିଲେ ।

ଆବେଦନକାରୀଙ୍କ ପାଇଁ ଉପସ୍ଥିତ ବିଜ୍ଞ ଅଧିବକ୍ତା ଶ୍ରୀ ପ୍ରେମ ମାଲହୋତ୍ରା ଦୃଢ଼ତାର ସହିତ ଯୁକ୍ତି ଦର୍ଶାଇଥିଲେ ଯେ ବିକ୍ରୟ-ଦଲିଲ (Ex. A1 ରୁ A5) ଏବଂ ଦାଖଲ ଖାରଜ କାର୍ଯ୍ୟାନୁଷ୍ଠାନ(Ex.A7 ରୁ A16) ଦର୍ଶାଏ ଯେ ବଜାର ମୂଲ୍ୟ 3,12,000 ରୁ 1,08,000 ଟଙ୍କା ମଧ୍ୟରେ ଥିଲା। ସେ ଉପସ୍ଥାପନ କରିଥିଲେ ଯେ ହାଇକୋର୍ଟ ପ୍ରତି ଏକର 30,000 ଟଙ୍କା କ୍ଷତିପୂରଣ ନିର୍ଣ୍ଣୟ କରିବା ପାଇଁ ରାୟରେ ଉଲ୍ଲେଖ କରାଯାଇଥିବା ଏକକ ଦାଖଲ ଖାରଜ କାର୍ଯ୍ୟନୁଷ୍ଠାନ ଉପରେ ନିର୍ଭର କରିବା ଯଥାର୍ଥ ନୁହେଁ । ଆମେ ଏହି ଯୁକ୍ତିରେ କୌଣସି ଦୃଢତା ପାଉନାହୁଁ। ଦେଖାଯାଉଛି ଯେ ଅସଂଶୋଧିତ ଆଇନ ଅନୁଯାୟୀ, ଧାରା 9 ର କାର୍ଯ୍ୟଚଳନ ଦ୍ୱାରା, ଦାବିଦାର କିମ୍ବା ମାଲିକଙ୍କୁ ଦାବିର ବିବରଣୀ ପ୍ରଦାନ କରି ଦାବି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅଧିନିୟମର ଧାରା 25, ଯାହା ମୂଳତଃ ଥିଲା, ଯେଉଁ ମାମଲାରେ ଦାବି କରାଯାଏ, ସେଠାରେ ନ୍ୟାୟାଳୟଙ୍କ ଦ୍ୱାରା ଅଧିନିର୍ଣ୍ଣୟ କରାଯାଇଥିବା ଅର୍ଥରାଶି ଦାବି କରାଯାଇଥିବା ଅର୍ଥରାଶିଠାରୁ ଅଧିକ ହେବ ନାହିଁ କିମ୍ବା ଧାରା 11 ଅନୁଯାୟୀ ଜିଲ୍ଲାପାଳଙ୍କ ଦ୍ୱାରା ଅଧିନିର୍ଣ୍ଣୟ କରାଯାଇଥିବା ଅର୍ଥରାଶିଠାରୁ କମ୍ ହେବ ନାହିଁ । ଏହା ଧାରା 25 ର ଉପ-ଧାରା (1) ର କାର୍ଯ୍ୟକାରିତା ଦ୍ୱାରା କରାଯାଏ । କିନ୍ତୁ ଯେଉଁ ମାମଲାରେ ଦାବି କରାଯାଇ ନଥିଲା, ସେ ମାମଲାରେ ଉପ-ଧାରା (2) କ୍ଷେତ୍ରକୁ ପରିଚାଳନା ଏବଂ ଧାରଣ କରିଥାଏ । ଉପ-ଧାରା (2) ଧାରା 25 ଏହିପରି ଦର୍ଶାଏ :

> "ଯେତେବେଳେ ଆବେଦନକାରୀ ଏପରି ଦାବି କରିବାକୁ ପ୍ରତ୍ୟାଖ୍ୟାନ କରିଥାଆନ୍ତି, କିମ୍ବା ଯଥେଷ୍ଟ କାରଣ ବିନା (ବିଚାରପତିଙ୍କ ଦ୍ୱାରା ଅନୁମତି ପାଇବା ପାଇଁ) ଏପରି ଦାବି କରିବାକୁ ବାଦ ଦିଅନ୍ତି, ସେତେବେଳେ ନ୍ୟାୟାଳୟଙ୍କ ଦ୍ୱାରା ଅଧିନିର୍ଣ୍ଣୟ କରାଯାଇଥିବା ରାଶି କୌଣସି ମାମଲାରେ ଜିଲ୍ଲାପାଳଙ୍କ ଦ୍ୱାରା ଅଧିନିର୍ଣ୍ଣୟ କରାଯାଇଥିବା ପରିମାଣଠାରୁ ଅଧିକ ହେବ ନାହିଁ ।"

ତେଣୁ, ଏହା ଦେଖାଯାଇପାରେ ଯେ ଯେଉଁ ମାମଲାରେ ଆବେଦନକାରୀ ଦାବି କରିବାକୁ ବାଦ୍ ଦେଇଥିଲେ, ସେ ସମୟରେ ଜିଲ୍ଲାପାଳଙ୍କ ଦ୍ୱାରା ଅଧିନିର୍ଣ୍ଣୟ କରାଯାଇଥିବା ପରିମାଣଠାରୁ ଅଧିକ କ୍ଷତିପୂରଣ ଅଧିନିର୍ଣ୍ଣୟ କରିବାର କୌଣସି କ୍ଷେତ୍ରାଧିକାର ନ୍ୟାୟାଳୟର ନଥିଲା ।ଏହି ମାମଲାଗୁଡ଼ିକରେ, ଆବେଦନକାରୀଙ୍କ ଦ୍ୱାରା କୌଣସି ଦାବି କରିବା ସ୍ୱୀକାରଯୋଗ୍ୟ ଭାବରେ କରାଯାଇ ନଥିଲା ।

ଏହି ବ୍ୟବସ୍ଥା ଉଚ୍ଚ ନ୍ୟାୟାଳୟ ଦ୍ୱାରା ଉଲ୍ଲେଖ କରାଯାଇ ନଥିଲା । ଉଚ୍ଚ ନ୍ୟାୟାଳୟ, ଦାଖଲ ଖାରଜ କାର୍ଯ୍ୟାନୁଷ୍ଠାନକୁ ଉଲ୍ଲେଖ କରି ଯେଉଁଥିରେ ବଜାର ମୂଲ୍ୟ ଏକର ପ୍ରତି 9,400 ଟଙ୍କାରୁ

14,000 ଟଙ୍କା ମଧ୍ୟରେ ଦର୍ଶାଯାଇଥିଲା, କ୍ଷତିପୂରଣକୁ ଏକର ପ୍ରତି 30,000 ଟଙ୍କାକୁ ବୃଦ୍ଧି କରିଥିଲେ । ସେହି ଆବେଦନକୁ ଚୂଡ଼ାନ୍ତ ହେବାକୁ ଅନୁମତି ଦିଆଯାଇଥିଲା; ତେଣୁ ଉଚ୍ଚ ନ୍ୟାୟାଳୟ ଦ୍ୱାରା ନିର୍ଦ୍ଧାରିତ ବଜାର ମୂଲ୍ୟ ସହିତ କିଛି କରାଯାଇପାରିବ ନାହିଁ । କିନ୍ତୁ ଅଧିନିୟମର ଧାରା 25 ଉପ-ଧାରା (2) ରେ ଥିବା ବୈଧାନିକ ନିଷେଧକୁ ଦୃଷ୍ଟିରେ ରଖି ଏହି ଆବେଦନଗୁଡ଼ିକୁ ଖାରଜ କରାଯାଇଛି । ଆମେ ଖର୍ଚ୍ଚ ବିଷୟରେ କୌଣସି ଆଦେଶ ଦେଉନାହୁଁ ।

ଏ. ଜି. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

ରାମଚନ୍ଦ୍ର ସାହୁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।